# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 October – 2025

**********************************

## ମୁଖ୍ୟ ସମ୍ବାଦ

- ଜିଏସ୍‌ଟି ସଞ୍ଚୟ ଉତ୍ସବ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି, ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

— ଓଡ଼ିଶାର କୋରାପୁଟ କଫିର କଲେ ପ୍ରଶଂସା

- ଭାରତୀୟ ସାମୁଦ୍ରିକ ସପ୍ତାହ ସମ୍ମିଳନୀରେ ଯୋଗଦେବା ପାଇଁ ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

ଏବଂ

- ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ

— ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷା ସମ୍ଭାବନା

# ମନ୍ କୀ ବାତ୍

ଜିଏସ୍‌ଟି ସଞ୍ଚୟ ଉତ୍ସବ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ କ୍ରୟ ବୃଦ୍ଧି ପାଇଛି ବୋଲି  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କୀ ବାତ୍‌ର ୧୨୭ତମ ସଂସ୍କରଣରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି,

**V/O (GST)**

ପ୍ରଧାନମନ୍ତ୍ରୀ କହିଛନ୍ତି, କୋରାପୁଟ କଫି ଅତ୍ୟନ୍ତ ସୁସ୍ୱାଦୁ ଏବଂ ଓଡ଼ିଶାର ଗୌରବ। ଏହା ସ୍ଥାନୀୟ ଚାଷୀ ଭାଇଭଉଣୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ଏହି ସ୍ୱୀକୃତି ଅତ୍ୟନ୍ତ ପ୍ରେରଣାଦାୀୟ।  ଏପରିକି ଚାକିରି ଛାଡ଼ି କୋରାପୁଟର କିଛି ବାସିନ୍ଦା ସଫଳତାର ସହ କଫି ଚାଷ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (Coffee)**

ସ୍ୱଚ୍ଛତା ପ୍ରୟାସ ନେଇ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଲୁଣା ଜଙ୍ଗଲର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସୁନାମି ତଥା ଘୂର୍ଣ୍ଣିବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ଉପକୂଳ ସୁରକ୍ଷା ଦିଗରେ ଏହା ବେଶ୍ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଥାଏ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଛଟ୍ ମହାପର୍ବ ସଂସ୍କୃତି, ପ୍ରକୃତି ଓ ସମାଜର ଦୃଢ଼ ଏକତାର ପ୍ରତିଫଳନ । ସମାଜର ପ୍ରତ୍ୟେକ ବର୍ଗ ଛଟ୍ ଘାଟରେ ଏକାଠି ହୁଅନ୍ତି, ଯାହାକି ସାମାଜିକ ଏକତାର ଏକ ସବୁଠାରୁ ବଡ ଉଦାହରଣ ।

ଅପରେସନ ସିନ୍ଦୂର ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ମାଓ ଆତଙ୍କମୁକ୍ତ ଅଞ୍ଚଳଗୁଡ଼ିକରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଦୀପାବଳୀ ପାଳନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଗତବର୍ଷ ଲକ୍ଷ୍ନୌରେ ଅନୁଷ୍ଠିତ ସର୍ବଭାରତୀୟ ପୁଲିସ ବୃତ୍ତିଗତ ସମ୍ମିଳନୀରେ ବିଏସ୍ଏଫ୍ ଦ୍ୱାରା ତାଲିମପ୍ରାପ୍ତ ଭାରତୀୟ ପ୍ରଜାତିର କୁକୁର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମାଓ ପ୍ରଭାବିତ ଅଞ୍ଚଳରେ କୁକୁରଙ୍କର ସଫଳ ଉପଯୋଗ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜନ୍ମବାର୍ଷିକୀ ପାଳନ କରାଯିବ । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଦେଶ ପାଇଁ ଏକ ସ୍ୱତନ୍ତ୍ର ଅବସର ଆଣିଦେବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଆସନ୍ତା ୩୧ରେ ସମଗ୍ର ଦେଶରେ ଆୟୋଜିତ ହେବାକୁ ଥିବା 'ରନ୍ ଫର୍ ୟୁନିଟି'ରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## V/O (PM Run for Unity)

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ମାସ ୭ ତାରିଖରେ ଭାରତ ବନ୍ଦେ ମାତରଂ ପାଳନର ୧୫୦ତମ ବର୍ଷରେ ପ୍ରବେଶ କରିବ । ବଙ୍କିମ ଚନ୍ଦ୍ର

ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି କବିତାଟି ୧୮୯୬ ମସିହାରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ପ୍ରଥମଥର ପାଇଁ ଗାଇଥିଲେ । ଏହି ଗୀତଟି ଶତାବ୍ଦୀର ଦାସତ୍ୱ ଦ୍ୱାରା ଦୁର୍ବଳ ହୋଇପଡିଥିବା ଦେଶବାସୀଙ୍କ ଜୀବନରେ ନୂତନ ସ୍ଫୂର୍ତ୍ତି ଭରି ଦେଇଥିଲା ।

ପ୍ରଧାନମନ୍ତ୍ରୀ କହିଛନ୍ତି ଏକତା ସଂସ୍କୃତ ଯୋଗାଯୋଗର ଭାଷା ରହିଥିଲା । ତେବେ ସ୍ୱାଧୀନତା ପରେ ସଂସ୍କୃତ ଭାଷାର ବ୍ୟବହାର କ୍ରମଶଃ ହ୍ରାସ ପାଇଥିଲା । ସାମାଜିକ ଗଣମାଧ୍ୟମ ସଂସ୍କୃତକୁ ଏକ ନୂତନ ଜୀବନ ପ୍ରଦାନ କରୁଥିବାରୁ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତାମାସ ୧୫ ତାରିଖରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯିବ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି **ନୂଆପଡ଼ା** ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ପଣ୍ଡରା ପଥର ଗ୍ରାମରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ସହ ଶୁଣିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ମଧ୍ୟରେ ଥିବା ସୁପ୍ତ ଶକ୍ତିକୁ ଜାଗ୍ରତ କରିପାରୁଛି।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁମ୍ବାଇ ଗସ୍ତରେ ଯିବେ। ଆସନ୍ତାକାଲି ଶ୍ରୀ ମାଝୀ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ସାମୁଦ୍ରିକ ସପ୍ତାହ-୨୦୨୫ ସମ୍ମିଳନୀରେ ଯୋଗଦେବେ। ଅପରାହ୍ଣରେ ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟର ବନ୍ଦର ନେତୃତ୍ୱାଧିନ ନିବେଶ

ସୁଯୋଗ ଏବଂ ବନ୍ଦର ମାଧ୍ୟମରେ ରପ୍ତାନୀ ସମ୍ଭାବନା ଉପରେ ଆଲୋଚନାରେ ଅଂଶଗ୍ରହଣ କରିବେ। ରାଜ୍ୟ ସରକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ମୁମ୍ବାଇରେ ପହଞ୍ଚିସାରିଛନ୍ତି। ଭାରତୀୟ ସାମୁଦ୍ରିକ ସପ୍ତାହ ଦେଶର ବର୍ଦ୍ଧିତ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଉଛି। ବନ୍ଦର କେନ୍ଦ୍ରୀୟ ଶିଳ୍ପ ଅଭିବୃଦ୍ଧି ଓ ଉପକୂଳବର୍ତ୍ତୀ ଆର୍ଥିକ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବା ପାଇଁ ଏହା ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଓଡ଼ିଶା ଅଧିବେଶନ ସମୟରେ ରାଜ୍ୟ ଏହାର ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି, ନୂତନ ବିକାଶ, ବିଶାଳ ସାମୁଦ୍ରିକ ସମ୍ଭାବନା ଓ ନୂତନ ସହଭାଗିତା ଅନୁସନ୍ଧାନ କରିବା ପାଇଁ ଘରୋଇ ଏବଂ ଆନ୍ତର୍ଜାତିକ ନିବେଶକମାନଙ୍କୁ ଆମନ୍ତ୍ରଣ କରିବ। ଏହି ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଦୁର୍ନୀତି ନିବାରଣ ବୈଠକ

**କନ୍ଧମାଳ** ଜିଲ୍ଲାପାଳ ବେଦଭୂଷଣଙ୍କ ସଭାପତିତ୍ୱରେ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ  ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲିଠାରୁ ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ବିରୋଧୀ ଅଭିଯାନରେ ଜନସାଧାରଣଙ୍କୁ ସାମିଲ କରିବା ନେଇ ଅଧିକାରୀମାନଙ୍କ ସହ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତାକାଲି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ବିଭିନ୍ନ ଅନୁଷ୍ଠାନ ଏବଂ ନାଗରିକମାନଙ୍କ ଦ୍ୱାରା ଶପଥପାଠ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ନାଟକ ପ୍ରତିଯୋଗିତା

ରାଜ୍ୟ ଶିକ୍ଷା ଗବେଷଣା, ପ୍ରଶିକ୍ଷଣ ପରିଷଦ ଏବଂ **ବୌଦ୍ଧ** ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ଆଂଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପାଇଁ, ପରିବେଶ ଓ ଦେଶ ପାଇଁ ବିଜ୍ଞାନର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼, ବୌଦ୍ଧ ଓ ବଲାଙ୍ଗିର ଜିଲ୍ଲାର ନାଟକଗୁଡ଼ିକ ପ୍ରଦର୍ଶିତ ହୋଇଥିଲା।

## ଉପଦେଷ୍ଟା କମିଟି ବୈଠକ

**ବୌଦ୍ଧ** ଜିଲ୍ଲାରେ ବେଆଇନ୍ ଲିଙ୍ଗ ନିରୂପଣ ରୋକିବା ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ବେଆଇନ୍ ଲିଙ୍ଗ ନିରୂପଣ ନେଇ ସୂଚନା ଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କର ନାମ ଏବଂ ତଥ୍ୟକୁ ଗୋପନ ରଖି ତାଙ୍କୁ ପୁରସ୍କାର ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। କଣ୍ଟାମାଳ ବ୍ଲକ୍‌ରେ ନବଜନ୍ମିତ ଝିଅଙ୍କ ସଂଖ୍ୟା ପୁଅମାନଙ୍କ ତୁଳନାରେ କମ୍ ରହିଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ।

## ପାଣିପାଗ-ମୋନ୍ଥା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଗଭୀର ଅବପାତରେ ପରିଣତ ହୋଇଛି। ଆଜି ସନ୍ଧ୍ୟାରେ ଏହା ବାତ୍ୟାର ରୂପ ନେବ

ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ବାତ୍ୟାରେ ପରିଣତ ହେବା ପରେ ଏହା ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ଏହା ଭୀଷଣ ରୂପ ନେଇ ୨୮ ତାରିଖ ସନ୍ଧ୍ୟାରୁ ମଧ୍ୟରାତ୍ରୀ ମଧ୍ୟରେ ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟନମ୍ ମଧ୍ୟରେ କାକିନାଡାଠାରେ ସ୍ଥଳଭାଗ ସ୍ପର୍ଶ କରିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହା ଗୋପାଳପୁରଠାରୁ ୯୭୦ କିଲୋମିଟର ଏବଂ କାକିନାଡାଠାରୁ ୮୯୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି । ଉପକୂଳ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ କିଲୋମିଟରରୁ ୧୦୦ କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ପ୍ରଭାବରେ ଆସନ୍ତାକାଲିଠାରୁ ୩୦ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଓ ଉପକୂଳବର୍ତ୍ତୀ ୧୯ଟି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ଆଂଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି...

## - V/O –

## ବାତ୍ୟା-ମୋନ୍ଥା

ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ **ପୁରୀ** ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଆଜିଠାରୁ ଆସନ୍ତା ୩୦

ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସେମାନଙ୍କର ଜାଲ, ଡଙ୍ଗାକୁ ସୁରକ୍ଷିତ ସ୍ଥାନକୁ ଆଣିବା ନେଇ କୁହାଯାଇଛି। ଏଥିସହ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରାଯାଇଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଧନ ଜୀବନ ହାନୀକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପକୂଳବର୍ତ୍ତୀ ଅଂଚଳରେ ରହୁଥିବା ଲୋକମାନଙ୍କୁ ସତର୍କ କରାଯିବା ସହ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାପାଇଁ କୁହାଯାଇଛି।

## ବାତ୍ୟା-ଭଦ୍ରକ

ସମ୍ଭାବ୍ୟ ବାତ୍ୟା ମୋକାବିଲାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲା ପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାର ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳିକୁ ଖୋଲିବା ଏବଂ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବାବେଳେ ଜନସାଧାରଣଙ୍କୁ ଭୟଭୀତ ନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।